# ଧାନରେ ମାଟିଆଗୁଣ୍ଡି ବା ଚକଡାପୋକର (BPH) ନିୟନ୍ତ୍ରଣ ନିମନ୍ତେ

ଧାନ ଫସଲରେ ଫୁଲ ବା କେଣ୍ଡା ଆସିବା ସମୟରୁ ପାଚିବା ପର୍ଯ୍ୟନ୍ତ, ଯେ କୌଣସି ସମୟରେ ଗୁଳୁଗୁଳିଆ ବା ଆର୍ଦ୍ର ଓ ଗରମ ପାଣିପାଗ ଲାଗି ରହିଲେ ମାଟିଆ ଗୁଣ୍ଡି ପୋକର ପ୍ରାଦୁର୍ଭାବ ହଠାତ୍ ବଢିଯାଇଥାଏ । ଗଛ ମୂଳରେ ଏହି ଶୋଷକ ପୋକ ବସି ରହି ଗଛରୁ ରସ ଶୋଷି ଖାଇବା ଯୋଗୁଁ ଗଛ ହଳଦିଆ ପଡିଯାଏ ଓ ପତ୍ର ମନ୍ଦା ମନ୍ଦା ହୋଇ ଶୁଖିଯାଏ । ଏହି ମନ୍ଦା ଗୁଡିକ ଧୀରେ ଧୀରେ ବଢି ଫସଲ ପୋଡିଗଲା ପରି ଦେଖାଯାଏ ।

## ପରିଚାଳନା

→ ଜମିରେ ପ୍ରତି ୧ ମିଟର ବ୍ୟବଧାନରେ ପାହି କରନ୍ତୁ ଯେପରି ବାୟୁ ଓ ଆଲୋକ ଚଳାଚଳ କରିପାରିବ ।

→ ଜମିରୁ ୨-୩ ଦିନ ପାଣି କାଟି ଦିଅନ୍ତୁ ଓ ତାପରେ ପୁନଶ୍ଚ ପାଣି ପୁରାନ୍ତୁ ।

→ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ, ଆବଶ୍ୟକ ସ୍ଥଳେ ଏକର ପ୍ରତି ୫-୬ କି.ଗ୍ରା. ପଟାସ୍ ସାର ଦିଅନ୍ତୁ ।

→ ଆବଶ୍ୟକ ସ୍ଥଳେ ନିମ୍ନଲିଖିତ କୀଟନାଶକ ମଧ୍ୟରୁ ଯେ କୌଣସି ଦୁଇଟିକୁ ଅଦଳ ବଦଳ କରି ୭-୧୦ ଦିନ ବ୍ୟବଧାନରେ ସିଞ୍ଚନ କରନ୍ତୁ । ହସ୍ତ ସିଞ୍ଚନ ଯନ୍ତ୍ର (ନାପ୍‌ସାକ୍ ସ୍ପ୍ରେୟର) ଦ୍ୱାରା ହେକ୍ଟର ପ୍ରତି ୫୦୦ ଲିଟର ପାଣି ବ୍ୟବହାର କରନ୍ତୁ ।

| କ୍ର.ନଂ | ରାସାୟନିକ କୀଟନାଶକ | ହେକ୍ଟର ପ୍ରତିମାତ୍ରା |
|---|---|---|
| ୧. | ବୁପ୍ରୋଫେଜିନ୍ ୨୫% SC | ୮୦୦ ମି.ଲି. |
| ୨. | ଥାୟାମିଥୋକ୍ସାମ୍ ୨୫% WG | ୧୦୦ ଗ୍ରାମ୍ |
| ୩. | ଏସିଫେଟ୍ ୯୫% SG | ୬୦୦ ଗ୍ରାମ୍ |
| ୪. | ଇମିଡାକ୍ଲୋପ୍ରିଡ୍ ୩୦.୫% SC | ୭୫ ଗ୍ରାମ୍ |
| ୫. | ଏସିଟାମିପ୍ରିଡ୍ ୨୦% SP | ୧୦୦ଗ୍ରାମ୍ |
| ୬. | ଫ୍ଲୋନିକାମାଇଡ୍ ୫୦% WG | ୧୫୦ ଗ୍ରାମ୍ |
| ୭. | ପାଇମେଟ୍ରୋଜାଇନ୍ ୫୦% WG | ୧୨୦ ଗ୍ରାମ୍ |
| ୮. | (ବୁପ୍ରୋଫେଜିନ୍ ୧୫%+ଏସିଫେଟ୍ ୩୫%) WP | ୫୦୦ ଗ୍ରାମ୍ |
| ୯. | (ଏସିଫେଟ୍ ୫୦%+ଇମିଡାକ୍ଲୋପ୍ରିଡ୍ ୧.୮%) SP | ୪୦୦ ଗ୍ରାମ୍ |
| ୧୦. | ଫିପ୍ରୋନିଲ୍ ୫% SC | ୧୫୦୦ ମି.ଲି. |

ସୌଜନ୍ୟ : - କୃଷି ବିଜ୍ଞାନ କେନ୍ଦ୍ର, ଲର୍କିପାଲି, ବଲାଙ୍ଗିର
(ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର)

Scanned by CamScanner